# ୨୭୦ ଲିଟର ମଦ ଜବତ, ୮ ଗିରଫ

ଭଦ୍ରକ,୧୮।୧୦(ସନାତନ ରାଉତ)

ଭଦ୍ରକ ଅବକାରୀ ଥାନା ପକ୍ଷରୁ ସାବରଙ୍ଗ ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୨୭୦ ଲିଟର ଦେଶୀ ମଦ, ୩ ଶହ ଲିଟର ପୋଚ ଜବତ କରାଯାଇଛି। ଚଢ଼ାଉରେ ୮ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ଥାନାରେ ୮ଟି ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ସାବରଙ୍ଗ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ରତ୍ନାକର ବେହେରା, ସୁରେଶ ବେହେରା, ବୀରେନ୍ଦ୍ର ଜେନା, ସାଗର ମୁଣ୍ଡା, ଧନେଶ୍ୱର ସେଠୀଙ୍କୁ ଗିରଫ କରାଯାଇଥିବା ବେଳେ ଗ୍ରାମାଞ୍ଚଳ ଥାନା ଅଞ୍ଚଳରୁ କଣ୍ଢେଇ ସିଂ, ସଂଯୁକ୍ତା ସୋରେନ, ଗଣେଶ ସିଂଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁଙ୍କ ନେତୃତ୍ୱରେ ଏଏସ୍ଆଇ କ୍ଷୀରୋଦ ପାତ୍ର, ରମେଶ ଚନ୍ଦ୍ର ନାୟକ, ଷ୍ଟାଫ୍ ଅଜିତ୍ ସିଂଙ୍କୁ, ରୁଦ୍ରନାରାୟଣ ଦାସ, ଜେମାମଣି ଜାମୁଡ଼ା, ପରେଶ ଗୁଡ୍ଡୁ, ଶୁଭ୍ରାମଣି ଦାସଙ୍କ ସମେତ ଟିହିଡ଼ି ଅବକାରୀ ପୋଲିସ ସାମିଲ ଥିଲେ।

# ଦୀପାବଳି ପାଇଁ ହେବ ଅସ୍ଥାୟୀ ବାଣ ଦୋକାନ



ବୈଠକରେ ଉପସ୍ଥିତ ଅଧିକାରୀ।

ଭଦ୍ରକ,୧୮।୧୦(ସନାତନ ରାଉତ)

ଆସନ୍ତା ଦୀପାବଳି ଉତ୍ସବରେ ବାଣ ବିକ୍ରି ପାଇଁ ବାଣ ବ୍ୟବସାୟୀମାନଙ୍କୁ ଲାଇସେନ୍ସ ପ୍ରଦାନ ଓ ଅସ୍ଥାୟୀ ବାଣ ଦୋକାନ ଖୋଲିବା ନେଇ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ମଡକର୍ ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅସ୍ଥାୟୀ ବାଣ ଦୋକାନ ଖୋଲାଯିବା ପାଇଁ ପ୍ରଶାସନିକ ମାର୍ଗଦର୍ଶିକା ଓ ସର୍ତ୍ତାବଳୀ ସମ୍ବନ୍ଧରେ ଉପସ୍ଥିତ ଥିବା ବାଣ ଦୋକାନୀ ସଂଘର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ବାଣ ଦୋକାନୀମାନଙ୍କ ପ୍ରସ୍ତାବ କ୍ରମେ ପୁରୁଣା ସର୍କିଟ୍ ହାଉସ୍ ନିକଟସ୍ଥ ଗେଲପୁର ମୌଜାରେ ଥିବା ଯାତ୍ରାପଡ଼ିଆରେ ଅସ୍ଥାୟୀ ବାଣ ଦୋକାନ ଖୋଲିବା ପାଇଁ ସ୍ଥାନ ନିରୂପଣ କରାଯାଇଛି। ଅଗ୍ନି ନିରାପତ୍ତା ନିୟମାନୁଯାୟୀ ୧୦ ଫୁଟ ବ୍ୟବଧାନରେ ବ୍ୟବସାୟୀ ମାନେ ଦୋକାନ ଖୋଲିବେ। ଏଥିପାଇଁ ଅଗ୍ନିଶମ ସେବାଧିକାରୀ, ସମ୍ପୃକ୍ତ ତହସିଲଦାର, ସିଟି ଡିଏସ୍‌ପି ଓ ସହକାରୀ ଜିଲାପାଳ କ୍ଷେତ୍ର ପରିଦର୍ଶନରେ ଯାଇ ଦୋକାନ ପାଇଁ ମାପ ଦେବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ଅକ୍ଟୋବର ୨୮ରୁ ୩୧ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବାଣ ଦୋକାନ ଖୋଲାଯିବା ପାଇଁ ଆବେଦନ ଅନୁଯାୟୀ ଅନୁମତି ପ୍ରଦାନ କରାଯିବ। ଲାଇସେନ୍ସ ବିନା କୌଣସି ଦୋକାନରେ ବାଣ ବ୍ୟବସାୟ ନଜରକୁ ଆସିଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ଇଚ୍ଛୁକ ବ୍ୟବସାୟୀମାନେ ନିର୍ଦ୍ଧାରିତ ଘରୋଇ ଜାଗାରେ ମାଲିକଙ୍କଠାରୁ ଆବଶ୍ୟକୀୟ ଅନୁମତି ଆଣିବା ସହିତ ୫୦୦ ଟଙ୍କାର ଟ୍ରେଜେରୀ ଚାଲାଣ ସହ ସମ୍ପୃକ୍ତ ଅଗ୍ନିଶମ କାର୍ଯ୍ୟାଳୟ, ତହସିଲଦାର, ପୌରପାଳିକା, ଥାନାଧିକାରୀଙ୍କ ଠାରୁ ଅନୁମତି ପତ୍ର ଆଣି ଚୂଡ଼ାନ୍ତ ଲାଇସେନ୍ସ ପାଇଁ ଜିଲା ପ୍ରଶାସନକୁ ଆବେଦନ କରିବେ। ସମ୍ପୃକ୍ତ ସଂଘ ପକ୍ଷରୁ ୩୦ ଓ ସଂଘ ବାହାରେ ପ୍ରାୟ ୧୦ ଦୋକାନ ଖୋଲାଯିବାକୁ ଦୃଷ୍ଟିରେ ରଖି ସମୁଦାୟ ୪୦ ଦୋକାନ ପାଇଁ ଆବେଦନ ପତ୍ର ପ୍ରାପ୍ତିର କ୍ରମାନୁଯାୟୀ ଲାଇସେନ୍ସ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା।

# କୁଇଜ୍, ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,୧୮।୧୦(ସନାତନ ରାଉତ)

ଭଦ୍ରକ ପୌରପାଳିକା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମସ୍ଥିତ ମଦ୍ରାସା ଫୈଯାନେ ଗରୀବ ନୱାଯ ଆନୁକୂଲ୍ୟରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଦ୍ରାସା ସମ୍ପାଦକ ସାହିଦ ରଫିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଗୋଲାମ ୟାସିନ୍ ସାହେବଙ୍କ କୋରାନ ପାଠରୁ ଆରମ୍ଭ ହୋଇଥିଲା। କବି ଅଲୀ ହୋସେନ ନାତ୍ ଶରୀଫ୍ କୋରାନ୍ ପାଠ କରିଥିଲେ। ଏହି ମଦ୍ରାସାରେ ଭଦ୍ରକର ବିଭିନ୍ନ ସରକାରୀ ଓ ବେସରକାରୀ ଇଂରାଜୀ ଓ ଓଡ଼ିଆ ମିଡିୟମ ସ୍କୁଲରେ ପଢୁଥିବା ପ୍ରାୟ ୧୯୦ ଜଣ ମୁସଲମାନ ଛାତ୍ରୀଛାତ୍ର ମାଗଣାରେ କୋରାନ୍ ଅଧ୍ୟୟନ କରୁଛନ୍ତି। ଉକ୍ତ କୁଇଜ୍ ପ୍ରତିଯୋଗିତା ପାଇଁ ସବ୍‌ଜୁନିୟର, ଜୁନିୟର, ଓ ସିନିୟର ଏହିପରି ତିନୋଟି ଗ୍ରୁପ୍‌ରେ ୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସବ୍‌ଜୁନିୟର ଗ୍ରୁପରେ ଉମ୍ମୁଲ ଖୈର ଫାତମା ପ୍ରଥମ ସ୍ଥାନ, ଜୁନିୟର ଗ୍ରୁପ୍ କୁଇଜ୍ ପ୍ରତିଯୋଗିତାରେ ସେଖ ଆଲମିନ ପ୍ରଥମ ଓ ସିନିୟର ଗ୍ରୁପ କୁଇଜ ପ୍ରତିଯୋଗିତାରେ ମହମ୍ମଦ ଅନସ ରଯା ପ୍ରଥମ ସ୍ଥାନ ଅଧିକାରୀ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସିଆର୍‌ସିସି ହାଜୀ ତବରେଜ ଖାନ, ଅନ୍ୟତମ ଅତିଥି ଭଦ୍ରକ ମୁସଲିମ ଜମାତ ସମ୍ପାଦକ ହାଜୀ ଅବଦୁଲ୍ ମୁକିତ୍ ଖାନ, ହାଜୀ କୟୁମ ଅଲୀ ଶାହା, ମଦ୍ରାସା ଶିକ୍ଷକ କାଜୀ ୱଲିଉର ରହେମାନ, କାଜୀ ଏଜାଜ ଅହେମଦ ଓ ମଦ୍ରାସା ସଭାପତି ସେଖ ଗୋଲାମ ମହମ୍ମଦ ଯୋଗ ଦେଇଥିଲେ। ସହବାଜ କାଦ୍ରୀ ଓ ସାବିର ଖାନ ପ୍ରତିଯୋଗିତାକୁ ସଂଯୋଜନା କରିଥିଲେ। ମହମ୍ମଦ ଅବଦୁର ରହିମ, ସେଖ ଆସିକ, ସେଖ ଅବଦୁଲ ବାରି, ସାହାଜାନ ଖାନ୍, ସେଖ ସଲାଉଦ୍ଦିନ, ସେଖ ଅହେସାନ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ଅଟୋକୁ ପିଟିଲା କାର୍, ୭ ଆହତ

ଭଣ୍ଡାରିପୋଖରୀ,୧୮।୧୦
(ରାଜେନ୍ଦ୍ର ଶତପଥି)

ଭଦ୍ରକ ଜିଲା ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଳଦା ଚକବନ୍ଦୀ ଅଫିସ ସମ୍ମୁଖରେ ଶୁକ୍ରବାର ଏକ ଅଟୋକୁ କାର୍ ଧକ୍କା ଦେଇଛି। ଦୁର୍ଘଟଣାରେ ୭ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବନ୍ଦ ହୋଇଥିଲା।

ସୂଚନା ମୁତାବକ, ସକାଳ ୯ଟାରେ ଭଦ୍ରକ ଆଡୁ ଆସୁଥିବା ଅଟୋ (ନଂ. ଓଡି ୨୨ ଡି ୨୯୪୭) ପାଳଦାଛକରେ ଡିଭାଇଡର ଅତିକ୍ରମ କରୁଥିଲେ। ଏହି ସମୟରେ ପଛରୁ ଆସୁଥିବା କାର୍ (ନଂ. ଓଡି ୩୩ ଏଏମ୍ ୦୦୫୯) ଅଟୋକୁ ଧକ୍କା ଦେଇଥିଲା। ଉଭୟ ଯାନରେ ଥିବା ପାଳିଆବିନ୍ଧା ଅଞ୍ଚଳର ସଇଫୁଦ୍ଦିନ ଶାହା(୫୦), ସ୍ମୃତିଶ୍ରୀ ନାୟକ(୪୦) ଓ ସମୃଦ୍ଧି ନାୟକ(୮)ଙ୍କ ସମେତ ୭ ଆହତ ହୋଇଥିଲେ। ଭଣ୍ଡାରିପୋଖରୀ ପୋଲିସ ପହଞ୍ଚି ଲୋକଙ୍କ ସହାୟତାରେ ଆହତଙ୍କୁ ଭଣ୍ଡାରିପୋଖରୀ ମେଡିକାଲକୁ ପଠାଇଥିଲା। ପୋଲିସ ଉଭୟ ଯାନକୁ ଜବତ କରି ତଦନ୍ତ କରୁଛି।

ସୂଚନାଯୋଗ୍ୟ, ପାଳଦାବାଙ୍କ ଓଭରବ୍ରିଜର ଅଣ୍ଡରପାସ ରାସ୍ତା ଚକବନ୍ଦୀ ଅଫିସ ପାର୍ଶ୍ୱ ରାଜପଥକୁ ସଂଯୁକ୍ତ ହୋଇନାହିଁ। ଯାନବାହନ ପାଳଦା ଛକ ସମ୍ମୁଖରେ କଟାଯାଇଥିବା ଡିଭାଇଡର ଦେଇ ଅତିକ୍ରମ କରିବାକୁ ବାଧ ହେଉଛନ୍ତି। ଫଳରେ ଉକ୍ତ ସ୍ଥାନରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।




ଦୁର୍ଘଟଣାଗ୍ରସ୍ତ କାର୍।

# ଶିକ୍ଷକ ନିଯୁକ୍ତି ଦାବିରେ ଫାଟକରେ ତାଲା



ବିଦ୍ୟାଳୟ ଫାଟକରେ ତାଲା ପକାଇ ଅଭିଭାବକ ପ୍ରତିବାଦ କରୁଛନ୍ତି।

## ରାଧାବଲ୍ଲଭପୁର ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟ

ଧାମନଗର,୧୮।୧୦ (ଦେବେନ୍ଦ୍ର ଆଦ୍ୟିଆ/ ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆସ୍ଥିତ ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗି ରହିଛି। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ ଶିକ୍ଷକ ନିଯୁକ୍ତି ହେଉନାହିଁ। ଫଳରେ ଶୁକ୍ରବାର ଅଭିଭାବକ ଅସନ୍ତୋଷ ପ୍ରକାଶ କରି ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲ ଫାଟକରେ ତାଲା ପକାଇଛନ୍ତି।

ଅଭିଯୋଗ ମୁତାବକ, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୫ ଜଣ ଛାତ୍ରୀଛାତ୍ର ରହିଛନ୍ତି। ମାତ୍ର ଜଣେ ଶିକ୍ଷୟିତ୍ରୀରେ ପାଠପଢ଼ା ଚାଲୁ ରହିଛି। ଶିକ୍ଷକ ଅଭାବ ସମସ୍ୟା ଯୋଗୁ ଶୁକ୍ରବାର ସ୍କୁଲ ଫାଟକରେ ଗ୍ରାମବାସୀ ଓ ଅଭିଭାବକ ତାଲା ପକାଇ ଶିକ୍ଷକ ନିଯୁକ୍ତି ଦାବି କରି ପ୍ରତିବାଦ କରିଛନ୍ତି। ଏ ନେଇ ଗ୍ରାମବାସୀ ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଫଳ ମିଳୁ ନ ଥିବାରୁ ବାଧ ହୋଇ ଗେଟ୍‌ରେ ତାଲା ପକାଇଥିବା କହିଛନ୍ତି। ଶିକ୍ଷୟିତ୍ରୀ ଜଣଙ୍କ ଗେଟ୍‌ରେ ତାଲା ପଡ଼ିବା ଦେଖି ଫେରିଯାଇ ବିଇଓ ଅଫିସରେ ଜଣାଇଥିଲେ। ଯେ ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଫାଟକରେ ତାଲା ପଡ଼ିଥିବ ବୋଲି ଗ୍ରାମବାସୀମାନେ କହିଥିଲେ। ଧାମନଗର ବିଇଓ ଜଗବନ୍ଧୁ ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଭିତ୍ତିକ କନିଷ୍ଠ ଶିକ୍ଷକ ନିଯୁକ୍ତି ଦିଆଯାଇଛି। ଧାମନଗର ବ୍ଲକ୍‌ରେ ୫୬ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ଯୋଗାଇଦିଆଯାଇଛି। ତାଳପଦା କ୍ଲଷ୍ଟରର ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟ ପାଇଁ ଚୟନ ହୋଇଥିବା ଶିକ୍ଷକ ଜଣକ ଚାକିରିରୁ ଅଗ୍ରାହ୍ୟ ନେଇଯାଇଥିବାରୁ ସେଥିପାଇଁ ନିଯୁକ୍ତିରେ ବାଦ ପଡ଼ିଛି। ଖୁବ୍‌ଶୀଘ୍ର ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ସୁଭଦ୍ରାରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନ କଲେଣି

## ୭ ହଜାର ୮୧୬ ଖାରଜ

ଭଦ୍ରକ,୧୮।୧୦(ସନାତନ ରାଉତ)

ଭଦ୍ରକ ଜିଲାର ୭ଟି ବ୍ଲକ୍, ୨ ପୌରାଞ୍ଚଳ ଓ ୨ଟି ଏନ୍‌ଏସିରେ ମୋଟ ୪ ଲକ୍ଷ ୧ହଜାର ୯୧୫ ଜଣ ହିତାଧିକାରୀ ସୁଭଦ୍ରା ଯୋଜନାରେ ଗତ ୧୭ ତାରିଖ ପର୍ଯ୍ୟନ୍ତ ଆବେଦନ କରିଛନ୍ତି। ଜିଲା ପ୍ରଶାସନର ସୂଚନା ମୁତାବକ ଏହି ଆବେଦନକାରୀଙ୍କ ମଧ୍ୟରୁ ୨ ଲକ୍ଷ ୪୨ ହଜାର ୨୧୭ ଜଣଙ୍କ ଆବେଦନ ଗ୍ରହଣ କରାଯାଇଥିବା ବେଳେ ୭ ହଜାର ୮୧୬ ଜଣଙ୍କ ଆବେଦନକୁ ଖାରଜ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୭ ହଜାର ୯୯୨ ଜଣଙ୍କର କେୱାଇସି ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧ ଲକ୍ଷ ୯୩ ହଜାର ୯୨୩ ଜଣଙ୍କ କେୱାଇସି ସ୍ଥଗିତ ରହିଛି। ଏପର୍ଯ୍ୟନ୍ତ ମୋଟ ୧ ଲକ୍ଷ ୩୯ ହଜାର ୯୪୬ ଜଣଙ୍କ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ୫ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ରାଜଘାଟ କାଳୀପୂଜା ପ୍ରସ୍ତୁତି ବୈଠକ

ଭଦ୍ରକ,୧୮।୧୦(ରବିନାରାୟଣ ଖିଲାର)

ଭଦ୍ରକସ୍ଥିତ ରାଜଘାଟ କାଳୀପୂଜା ନେଇ ଏକ ପ୍ରସ୍ତୁତି ବୈଠକ ସଭାପତି ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ କାଳୀମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ରାଜଘାଟ କାଳୀପୂଜା ୫୧ବର୍ଷରେ ପଦାର୍ପଣ କରିଥିବାରୁ ଭାଇଚାରା ଓ ପରମ୍ପରାକୁ ଦୃଷ୍ଟିରେ ରଖି ସୁନ୍ଦର ଓ ଶୃଙ୍ଖଳିତ କରାଯାଇ ପୂଜା ପାଳନ କରାଯିବ ବୋଲି ସଭାପତି ନାୟକ କହିଥିଲେ। ଏଥି ସହ ସଭ୍ୟମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇ ସମସ୍ତ କାର୍ଯ୍ୟ କରାଯିବ ବୋଲି ସ୍ଥିର ହୋଇଥିଲା। ବୈଠକରେ ସମ୍ପାଦକ ବ୍ରଜ ଗୋପାଳ ଦାସ, କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର, ସଭ୍ୟ ଜି ଶିବ ଶଙ୍କର, ଗୌର ଗୋପାଳ ମହାନ୍ତି, ଲକ୍ଷ୍ମୀଧର ଜେନା, ଦେବେନ୍ଦ୍ର ବାରିକଙ୍କ ସମେତ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇ ନିଜ ନିଜର ମତାମତ ଦେଇଥିଲେ।

# ହାଇକୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଦାବି

## ଗାଁସାଥୀ ସଂଘର ଖବରଦାତା ସମ୍ମିଳନୀ




ଖବରଦାତା ସମ୍ମିଳନୀରେ ଗାଁସାଥୀ ସଂଘର କାର୍ଯ୍ୟକର୍ତ୍ତାମାନେ।

ଭଦ୍ରକ,୧୮।୧୦ (ସନାତନ ରାଉତ)

ଗାଁସାଥୀ(ମେଟ୍)ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଭଦ୍ରକ ସହର ସୀତାରାମ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଖବରଦାତା ସମ୍ମିଳନୀ ଓ ଦିନିକିଆ ରାଜ୍ୟସ୍ତରୀୟ ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଅଧ୍ୟକ୍ଷତା କରିବା ସହ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ସମସ୍ତ ଜିଲାପାଳମାନେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ରାଜ୍ୟ ସଂଘ ପକ୍ଷରୁ ଡବ୍ଲ୍ୟୁପିସି ନଂ. ୨୪୮୪୦ ଓ ୨୪୮୭୨ ଦୁଇଟି ମାମଲା ଦାଏର କରାଯାଇଥିଲା। ଏହାର ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକୁ ମାନି ଶେଷ ରାୟ ପର୍ଯ୍ୟନ୍ତ ପିଆର୍‌ଏଣ୍ଡ ଡିଡବ୍ଲ୍ୟୁ ବିଭାଗର ଚିଠି ନଂ. ୧୬୯୯୬ ଅନୁସାରେ ଗ୍ରାମ ରୋଜଗାର ସେବକ ନିଯୁକ୍ତିର ଚୂଡ଼ାନ୍ତ ନିଯୁକ୍ତି ପତ୍ର ପ୍ରଦାନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ନିର୍ଦ୍ଦେଶ ମୁତାବକ ସଂଘର ସଭାପତି ବିଶ୍ୱାଳଙ୍କ ସମେତ ସାଧାରଣ ସମ୍ପାଦକ ବିବେକାନନ୍ଦ ଠାକୁର ଗଣମାଧ୍ୟମ ଜରିଆରେ ଏହା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତିରାଜ ବିଭାଗର ଅଧିକାରୀ ଓ ସମସ୍ତ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ପୂର୍ବ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଦଶହରା ପରେ ସଂଘର ପ୍ରତିନିଧି ଦଳକୁ ଡାକି ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦପ୍ତରରେ ସରକାରୀ ଆଲୋଚନା କରିବା, ସମସ୍ତ ଲିଗାଲ ଗାଁସାଥୀ(ମେଟ୍)ମାନଙ୍କୁ ମାସିକ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ ଆଦି ଦାବି ରଖିଥିଲେ। ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ନୟନା ନାୟକ, ରାଜ୍ୟ ସହ ସମ୍ପାଦକ ପ୍ରତାପ ଚନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ସ୍ୱାଇଁ, ଅବସରପ୍ରାପ୍ତ କର୍ମଚାରୀ ରାଜେନ୍ଦ୍ର କୁମାର ପାତ୍ର, ସୁରେଶ ସାମଲ, ସଂଗଠକ ମଙ୍ଗୁଲୁ ରଣା, ପ୍ରତାପ ଦଳାଇ, ଗଦାଧର ସିକା, କରୁଣାକର କିସ୍କୁ, ଅନାମ ଚରଣ ରାଉତ, ଗୀତାଞ୍ଜଳି ମିଶ୍ର, କନକଲତା ଦାସ, ଝରଣା ଜେନା, ନିରୁପମା ମିଶ୍ର, ଚିତ୍ତରଞ୍ଜନ ଶଙ୍ଖୁଆ, ବିମଳ ନାୟକ, ହରେଶ ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଯୋଗ ଦେଇଥିବା ବେଳେ ରାଜ୍ୟର ବିଭିନ୍ନ ଜିଲାରୁ ଗାଁସାଥୀ ମାନେ ଉପସ୍ଥିତ ଥିଲେ।

# ହତ୍ୟାକାଣ୍ଡ ସ୍ଥଳ ପରିଦର୍ଶନକଲେ ଏସ୍‌ପି

## ୨ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଗଲା

ବାସୁଦେବପୁର,୧୮।୧୦
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବାଲିମୁଣ୍ଡା ପଞ୍ଚାୟତ ପାଞ୍ଚଘେରିଆ ଗ୍ରାମରେ ହୋଇଥିବା ଡବଲ ମର୍ଡର ଘଟଣାର ଶୁକ୍ରବାର ଅପରାହ୍ନରେ ଭଦ୍ରକ ଏସ୍‌ପି ମଡକର୍ ସନ୍ଦୀପ ସମ୍ପଦ ହତ୍ୟାକାଣ୍ଡ ସ୍ଥଳ ପରିଦର୍ଶନ କରି କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ପ୍ରକାଶଯୋଗ୍ୟ, ଗୁରୁପଦ ଗାୟନ ନାମକ ବ୍ୟକ୍ତି ତାଙ୍କ ସ୍ତ୍ରୀ କୌଶଲ୍ୟା ଗାୟନ ଓ ଶାଶୁ ଯମୁନା ସାମଲଙ୍କୁ ବିଭତ୍ସ ଭାବେ ହତ୍ୟା କରି ନିକଟସ୍ଥ ପୋଖରୀ ଓ ଯୋରରେ ସେମାନଙ୍କ ମୃତଦେହକୁ ଖଣ୍ଡ ବିଖଣ୍ଡିତ କରି ପୋତି ପକାଇଥିଲେ। ପୋଲିସ ଉପସ୍ଥିତିରେ ଅଭିଯୁକ୍ତ ଗୁରୁପଦ ହତ୍ୟାକାଣ୍ଡର ଡେମୋ ଦେଖାଇଥିବା ବେଳେ ଗୁରୁବାର ଶାଶୁ ଯମୁନାଙ୍କ ମୃତଦେହ ଯୋରରୁ ଉଦ୍ଧାର ହୋଇଥିଲା। ସ୍ତ୍ରୀ କୌଶଲ୍ୟାଙ୍କ ଏକ କଟାହାତ ମଧ୍ୟ ଯୋରରୁ ଉଦ୍ଧାର ହୋଇଥିଲା। ଶୁକ୍ରବାର ପୋଲିସ ଉପସ୍ଥିତିରେ କୌଶଲ୍ୟାଙ୍କ ଦୁଇ କଟା ହାତ ଓ ଗୋଟିଏ ଗୋଡ଼ ପୋଖରୀରୁ ଉଦ୍ଧାର କରାଯାଇଛି। ଦୁହିଁଙ୍କ ମୃତଦେହ ଓ କ୍ଷତବିକ୍ଷତ ଅଂଶକୁ ପୋଲିସ ଏକାଠି କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମେଡିକାଲ କଲେଜକୁ ପଠାଇଛି। ସେଠାରେ ଅଭିଜ୍ଞ ପ୍ରଫେସରଙ୍କ ଦ୍ୱାରା ୨ଟି ମୃତଦେହର ଏଫ୍‌ଏମ୍‌ଟି କରାଯିବ ବୋଲି ନାୟକାଣିଡିହୀ ଥାନାଧିକାରୀ ସଲଖାନ ମୁର୍ମୁ କହିଛନ୍ତି। ଏସ୍‌ପିଙ୍କ ସମେତ ଏସ୍‌ଡିପିଓ ସୌରଭ ଓତା, ନାୟକାଣିଡିହୀ ଥାନାଧିକାରୀ ମୁର୍ମୁ ଏହି କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ଅଭିଯୁକ୍ତ ଗୁରୁପଦଙ୍କୁ ମଧ୍ୟ ଏସ୍‌ପି ହତ୍ୟାକାଣ୍ଡ ସମ୍ପର୍କରେ ପଚରାଉଚରା କରିଥିବା ଜଣାପଡ଼ିଛି।

# 'ଧର୍ମୀୟ ଚେତନାରେ ବିଜ୍ଞାନ ଅନ୍ତର୍ନିହିତ'

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,୧୮।୧୦(ସନାତନ ରାଉତ)

ଆମ ମାତୃଭାଷା ପରିଷଦ ପକ୍ଷରୁ ଗର୍ଭଣା ସଂକ୍ରାନ୍ତି ଆସର ପ୍ରତିଷ୍ଠାତା ସମ୍ପାଦକ ଡା. ଅନିଲ୍ କୁମାର ଦାଶଙ୍କ ଭଦ୍ରକ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ଭଦ୍ରକ କଲେଜ ପୂର୍ବତନ ପ୍ରାଧ୍ୟାପକ ଡ. ଗୋଲକ ବିହାରୀ ସାହୁ ଓ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଆସରକୁ ଉଦ୍‌ଘାଟନ କରିଥିଲେ। ମାନବବାଦରେ ବିଜ୍ଞାନ ଓ ବିଶ୍ୱାସ ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଭଦ୍ରକ କଲେଜର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା, ମୁଖ୍ୟ ବକ୍ତାଭାବେ ଭଦ୍ରକ ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ, ଅତିଥିଭାବେ ଶିକ୍ଷାବିତ୍ ସନ୍ତୋଷ ସାହୁ, ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ଶିକ୍ଷାବିତ୍ ଗୟାଧର ପଣ୍ଡା, ପ୍ରାଧ୍ୟାପକ ମଧୁସୂଦନ ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଶିକ୍ଷାବିତ୍ ଶାନ୍ତନୁ ରାଉତ, ସର୍ବୋଦୟ ମଣ୍ଡଳ ଜିଲା ସଭାପତି ଅମର କୁମାର ପାଣିଗ୍ରାହୀ, ଡା. ନୀଳକଣ୍ଠ ପଣ୍ଡା ପ୍ରମୁଖ ଯୋଗଦେଇ ଧର୍ମୀୟ ଚେତନାରେ ବିଜ୍ଞାନ ଅନ୍ତର୍ନିହିତ ଓ ଅନ୍ଧବିଶ୍ୱାସର ଅନ୍ତଃ କେବଳ ବିଜ୍ଞାନ ଦ୍ୱାରା ହୋଇପାରିବ। ପ୍ରତ୍ୟେକ ଶୃଙ୍ଖଳିତ ମାନବ ଜୀବନଚର୍ଯ୍ୟା ମଧ୍ୟରେ ବିଜ୍ଞାନ ଓତପ୍ରୋତଃ ଭାବେ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଓ କବି ସଂଯୁକ୍ତା ବଳନାୟକଙ୍କ ସଂଯୋଜନାରେ ପ୍ରାୟ ୫୦ଜଣ କବୟିତ୍ରୀ, କବି କବିତା ପାଠ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ସମ୍ପାଦିକା ଶିଶୁ କବି ମମତାରାଣୀ ଦାଶ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ସଂକ୍ରାନ୍ତି ଆସରରେ ଉପସ୍ଥିତ ଅତିଥି।

# ମାର୍ବଲ ପ୍ରତିମୂର୍ତ୍ତିରେ ଝଟକୁଛନ୍ତି ଧନଦାତ୍ରୀ

## ୭୭ ବର୍ଷରେ ବେତଡ଼ା ବଜାର ଲକ୍ଷ୍ମୀପୂଜା

ବାସୁଦେବପୁର,୧୮।୧୦
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ବାଣିଜ୍ୟିକ ପେଣ୍ଠସ୍ଥଳଭାବେ ପରିଚିତ ବେତଡ଼ା ବଜାରରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ବେତଡ଼ା ବଜାର ଚଳଚଞ୍ଚଳ ହୋଇପଡ଼ିଛି। ବେତଡ଼ା ବଜାରରେ ଲକ୍ଷ୍ମୀପୂଜା ୭୭ ବର୍ଷରେ ପହଞ୍ଚିଛି। ଲକ୍ଷ୍ମୀପୂଜା ପାଇଁ ବଜାର ଆଲୋକମାଳାରେ ସୁସଜ୍ଜିତ ହୋଇଛି। ଆକର୍ଷଣୀୟ ତୋରଣ ସହ ଭକ୍ତଙ୍କ ସମାଗମ ବେତଡ଼ା ବଜାର ଫାଟି ପଡୁଛି। ବେତଡ଼ାର ସାର୍ବଜନୀନ ସର୍ବପୁରାତନ ମହାଲକ୍ଷ୍ମୀ ପୂଜା କମିଟି ୭୭ ବର୍ଷ ଛୁଇଁଛି। ମା'ଙ୍କ ମାର୍ବଲ ମୂର୍ତ୍ତି ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ରୁପା ଅଳଙ୍କାର ପରିଧାନ କରି ମା' ଝଟକୁଛନ୍ତି।

୧୯୪୭ ରେ ବେତଡ଼ା ବଜାର ସଂଲଗ୍ନ ଅଞ୍ଚଳରେ ଏକ ବରଡ଼ା ଛପର ଘରେ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ଉକ୍ତ ଅଞ୍ଚଳର ଉମାକାନ୍ତ ଦାସ, ପୁରସ୍ତମ ଦାସ, ହର ଶତପଥି, ଚେମା ଦାସ ପ୍ରମୁଖ ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଶରତ ପାଣିଗ୍ରାହୀ, ନରେନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ପଣ୍ଡା, ସୁରେନ୍ଦ୍ର ପାତ୍ର, ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସୁରେନ୍ଦ୍ର ବେଜ ପ୍ରମୁଖ ପୂଜା କମିଟିର ଦାୟିତ୍ୱ ଗ୍ରହଣ କରି ପୂଜାକୁ ଆଗେଇ ନେଇଛନ୍ତି। ଏବେ ମା'ଙ୍କ ବିଜେ ସ୍ଥଳ ପକ୍କାଗୃହ (ମନ୍ଦିର) ହୋଇଥିବା ବେଳେ ଗତ ୨ ବର୍ଷ ଧରି ମା'ଙ୍କ ମାର୍ବଲ ପ୍ରତିମୂର୍ତ୍ତି ସ୍ଥାୟୀ ଭାବେ ସ୍ଥାପନ କରାଯାଇ ପୂଜା କରାଯାଉଛି। ପୂଜା କମିଟି ସଭାପତି ଭାବେ ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସମ୍ପାଦକ ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ବେଜ ଦାୟିତ୍ୱ ତୁଲାଉଛନ୍ତି। ମା'ଙ୍କ ମନ୍ଦିର ଆଗରେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଛି। ସେହିପରି ଭାବେ ବେତଡ଼ା ବଜାର ସଂଲଗ୍ନ ଗୋରୁହାଟ ପଡ଼ିଆରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା' ଲକ୍ଷ୍ମୀଙ୍କ ମେଢ଼ ଓ ତୋରଣ ସହ ପାର୍ଶ୍ୱ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ତିଆରି କରାଯାଇଛି। କଚେରି ପଡ଼ିଆରେ ମା' ଲକ୍ଷ୍ମୀ ପୂଜା କମିଟି, ତାରିଣୀ ମାର୍କେଟ୍‌ରେ ଶୁଭଲକ୍ଷ୍ମୀ ପୂଜା କମିଟି, ହାଇସ୍କୁଲ ଛକଠାରେ ମା' ଲକ୍ଷ୍ମୀ ଠାକୁରାଣୀ ପୂଜା କମିଟି ଓ ଚନ୍ଦନପୁରଠାରେ ମା ଧନଲକ୍ଷ୍ମୀ ପୂଜା କମିଟିପକ୍ଷରୁ ମେଢ଼ ତିଆରି କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏତଦ୍‌ଭିନ୍ନ ବେତଡ଼ା ସଂଲଗ୍ନ ହାଇସ୍କୁଲ ଛକଠାରୁ ଅନତିଦୂରରେ ନବନିର୍ମିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ମଧ୍ୟ ଲକ୍ଷ୍ମୀ ପୂଜା ପାଇଁ ଲକ୍ଷ୍ମୀ ଓ ନାରାୟଣଙ୍କର ପୂଜାର୍ଚ୍ଚନା କରାଯାଉଛି।



ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା' ଲକ୍ଷ୍ମୀଙ୍କ ମାର୍ବଲ ପ୍ରତିମୂର୍ତ୍ତି।

# ବଢୁଛି ମାଙ୍କଡ଼ା ପଥର ଚୋରାଚାଲଣ


ସରକାରୀ ଜମିରେ ମାଙ୍କଡା ଖୋଳା ଯାଉଥିବା ବେଳେ ଭ୍ରମ ସୃଷ୍ଟି କରୁଥିବା ପରିତ୍ୟକ୍ତ ଖାଲ।

- କୁପାରୀ ବର୍ତ୍ତନା ରାଜସ୍ୱ କ୍ଷେତ୍ର
- ୧୦ବର୍ଷରେ ଗଲାଣି ୧୨ରୁ ଅଧିକ ଜୀବନ
- ପ୍ରାଣ ହରାଉଛନ୍ତି ଶତାଧିକ ଗୃହପାଳିତ ପ୍ରାଣୀ
- ପଥରଖଣି ଚଢାଉ ଆଳରେ ମାଙ୍କଡା କଥା ଭୁଲିଯାଇଛି ଖଣିବିଭାଗ

**ଖଇରା, ୧୮।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରର ଶହ ଶହ ଏକର ସରକାରୀ ଜମିରେ ଏବେ ବେଧଡ଼କ ମାଙ୍କଡା ଖୋଳାଯିବା ସହ ଓଡିଶାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଛି । ଖଣି ବିଭାଗ ଓ ରାଜସ୍ୱ ବିଭାଗର କିଛି ଅଧିକାରୀଙ୍କ ସହ ହାତମିଳାଇ ମାଫିଆମାନେ ଏହି ବେଆଇନ କାର୍ଯ୍ୟ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବିଶେଷ ଭାବେ ରାତି ୯ଟାରୁ ଏହି ଖନନ କାର୍ଯ୍ୟ ଆରମ୍ଭ ହୋଇ ରାତି ୪ଟା ପର୍ଯ୍ୟନ୍ତ ଚାଲୁଛି। ଏହି ସମୟ ଅଧିକାରୀମାନଙ୍କ ଶୋଇବା ସମୟ ହୋଇଥିବାରୁ ମାଫିଆମାନେ ବିନା ବାଧାରେ ଏହା କରିଚାଲିଛନ୍ତି । ମାଙ୍କଡା ଉତ୍ତୋଳନ ପରେ ଏହି ବିରାଟ ଆକାରର ଖାଲକୁ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଉଥିବାରୁ ନିରୀହ ଜୀବନ ମାଟିରେ ମିଶୁଛି। ପ୍ରାଣୀ ପକ୍ଷୀ କେହି ବି ଏଥିରୁ ବାଦ୍ ପଡୁନାହାନ୍ତି। ଯଦି ଏଭଳି ଖୁଲମଖୁଲା ମାଙ୍କଡା ଚୋରାଚାଲାଣ ଜାରି ରହେ ତେବେ କୁପାରୀ ଅଞ୍ଚଳ ଶ୍ମଶାନ ପାଲଟିବା ସହ କେବଳ କିଛି କୃତ୍ରିମ ହ୍ରଦ ମଧ୍ୟରେ ଏହା ସୀମିତ ହୋଇରହିଯିବ ଏଥିରେ ସନ୍ଦେହ ନାହିଁ ।

ଉକ୍ତ କୁପାରୀ ଅଞ୍ଚଳର ଶାରୀଶୁଆ ପାହାଡର ପାଦଦେଶରେ ଅବସ୍ଥିତ ଥିବା ବେଳେ ମାଟି ତଳେ କୋଟି କୋଟି ଟଙ୍କାର ମାଙ୍କଡା ଗଚ୍ଛିତ ହୋଇରହିଛି । ପୂର୍ବରୁ ଏହା ନିଲାମ ଦିଆଯାଉଥିବା ବେଳେ ପାଖାପାଖି ୨୫ବର୍ଷ ତଳୁ ନିଲାମ ବନ୍ଦ ରହିଛି । ହେଲେ ସେହିଦିନଠାରୁ ପର୍ଯ୍ୟାପ୍ତ ମାଙ୍କଡା ଚୋରାରେ ଖୋଳାଯାଇ ବାହାରକୁ ଚାଲାଣ କରାଯାଉଛି। ନିଲାମ କରାଯାଇ ସରକାରଙ୍କ ରାଜସ୍ୱ ପାଣ୍ଠିକୁ ଅର୍ଥ ଯିବା ବଦଳରେ ଏବେ ଏହା କିଛି ଅଧିକାରୀଙ୍କ ବ୍ୟକ୍ତିଗତ ପାଣ୍ଠି ବଢାଇବାରେ ମୁଖ୍ୟ ଆୟର ପନ୍ଥା ପାଲଟିଛି । କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଥିବା ଏହି ବଡ ବଡ ଖାଲରେ ପଡି ଶୌଚ ହେବାକୁ ଯାଉଥିବା ବୃଦ୍ଧାବୃଦ୍ଧ ପ୍ରାଣ ହରାଇବା ସହ ଗଗୁଆ ଆଶ୍ରମ ସ୍କୁଲର ପିଲା ମଧ୍ୟ ବାଦ୍ ପଡୁନାହାନ୍ତି। ଏହି ଖାଲକଡ ରାସ୍ତା ଦେଇ ଖଣି, ରାଜସ୍ୱ, ବନବିଭାଗ ଅଧିକାରୀମାନେ ପାହାଡରେ ଥିବା ପଥରଖଣିକୁ ଯାଉଥିଲେ ହେଁ ଥରେ ମଧ ଚଢାଉ ଉପରେ ଗୁରୁତ୍ୱ ଦେଉନାହାନ୍ତି। ୧୦ବର୍ଷରେ ୧୨ରୁ ଅଧିକ ଜୀବନ ଯାଇସାରିଥିବା ବେଳେ ଅନ୍ୟପଟେ ହରିଣ, ବାରାହା, ସମ୍ବର ଭଳି ବନ୍ୟଜନ୍ତୁ ଓ ଗାଈ କୁକୁର ଭଳି ଗୃହପାଳିତ ପ୍ରାଣୀ ପାଣିରେ ପଡି ଜୀବନ ହାରିବା ନିତିଦିନିଆ ଘଟଣା ପାଲଟିଗଲାଣି। କୁପାରୀ ରାଜସ୍ୱ କ୍ଷେତ୍ରର କୁପାରୀ କଲେଜ ପଛପଟ, ବରପଦା, କୁକୁଡା ଫାର୍ମ ପଛପଟ, ସରକାରୀ ମଦ ଦୋକାନ ପଛପଟେ, ଡିବିଏଲ ନିକଟରେ ଏବେ ପ୍ରତ୍ୟେକ ରାତିରେ ବହୁ ସଂଖ୍ୟାର ମେଶିନ ମାଙ୍କଡା ଖନନ କାର୍ଯ୍ୟରେ ନିୟୋଜିତ ରହୁଛି। ଏ ସମ୍ପର୍କରେ ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀଙ୍କୁ ଯୋଗାଯୋଗ କରିବାରେ ସେ ଏହା ଉପରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## 'ଯୁଗଶ୍ରୀ ଯୁଗନାରୀ' ପୂଜା ବିଶେଷାଙ୍କ ଉନ୍ମୋଚିତ


ଅତିଥିଙ୍କ ଦ୍ୱାରା 'ଯୁଗଶ୍ରୀ ଯୁଗନାରୀ' ପୂଜା ବିଶେଷାଙ୍କ ଉନ୍ମୋଚନ କରାଯାଉଛି।

**ବାଲେଶ୍ୱର, ୧୮।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହରସ୍ଥିତ କବିତୀର୍ଥ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ଓ 'ଯୁଗଶ୍ରୀ ଯୁଗନାରୀ' ମିଳିତ ଆନୁକୂଲ୍ୟରେ ମମତା ମହାପାତ୍ରଙ୍କ ସମ୍ପାଦିତ ମାସିକ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ' ପୂଜା ବିଶେଷାଙ୍କ ଗୁରୁବାର ଉନ୍ମୋଚିତ ହୋଇଯାଇଛି।

ଏହି ଅବସରରେ ଆୟୋଜିତ ସାରସ୍ୱତ ବନ୍ଧୁମିଳନ ଉତ୍ସବରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ବରେଣ୍ୟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ପତ୍ରିକାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ବରିଷ୍ଠ ଖବରଦାତା କୁଳମଣି ବାରିକ, 'ପରିଚୟ' ପତ୍ରିକାର ସମ୍ପାଦିକା ସୁଶ୍ରୀ ଅରୁଣା ରାୟ ଯୋଗଦେଇ ପତ୍ରିକାକୁ ସର୍ବାଙ୍ଗ ସୁନ୍ଦର, ସମୃଦ୍ଧ ଓ ରୁଚିଶୀଳ ବୋଲି ଅଭିହିତ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପତ୍ରିକାର ସମ୍ପାଦିକା ମମତା ମହାପାତ୍ର ପତ୍ରିକା ସମ୍ପର୍କରେ ଅଭିମତ ରଖିଥିଲେ। କବି ବିମଳ ଜେନା, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା ଓ ସୁକୁମାର ଦାସ ପତ୍ରିକାରେ ପ୍ରକାଶିତ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଶତାଧିକ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଖନ୍ତାପଡ଼ା ମିନାରା କ୍ଲବ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

**ବାହାନଗା, ୧୮।୧୦(ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡାଠାରେ ଥିବା ମୀନାରା କ୍ଲବ ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କ୍ଲବର ଉପଦେଷ୍ଟା ଶ୍ରୀଦ୍ଧେଶ୍ୱର ନାୟକଙ୍କ ଆହ୍ୱାନକ୍ରମେ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଆଲୋଚନା କରାଯାଇଥିଲା। ଆସନ୍ତା କାଳୀପୂଜାରେ ସଭ୍ୟମାନେ ମିଳିତ ହୋଇ ଏକ ରକ୍ତଦାନ ଶିବିର କରାଯିବା ପାଇଁ ଆଲୋଚନା ହେବା ପରେ ସ୍ଥିରୀକୃତ କରାଯାଇଥିଲା। ବିଷ୍ଣୁମୋହନ ବେହେରା, ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ପ୍ରଣବ ପ୍ରକାଶ ପରିଡା, ମୁକ୍ତିକାନ୍ତ ପଣ୍ଡା, ପରେଶ ଚନ୍ଦ୍ର ନାୟକ, ଜିତେନ୍ଦ୍ର କୁମାର ଦାସ, ଦୟାନିଧି ଦାସ, ସୁରେଶ କୁମାର ନାୟକ, ମଧୁସୂଦନ ବାରିକ୍, ସୁବ୍ରତ ପାତ୍ର, ଦେବାଶିଷ ମଲିକ, ଭାସ୍କର ନାୟକ, ବିଜୟ କୁମାର ଦାସ, କାଶିନାଥ ପରିଡା, ସଞ୍ଜୟ କୁମାର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ରହି ମୀନାର କ୍ଲବର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ।

## ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତି ସ୍ଥିତି ପରଖିଲେ ବିଧାୟକ


ସେଚ, ଡ୍ରେନେଜ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧିଙ୍କ ସହ ଭୋଗରାଇ ବିଧାୟକଙ୍କ ଆଲୋଚନା।

**ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ**

**ଭୋଗରାଇ, ୧୮।୧୦(ପ୍ରଦୀପ ଦାସ)**

ସୁବର୍ଣ୍ଣରେଖା ବନ୍ୟାରେ ଭୋଗରାଇ ବ୍ଲକର ୨୨ ପଞ୍ଚାୟତର ବ୍ୟାପକ ଭାବେ ଧାନ, ପନିପରିବା ସହ ବିଭିନ୍ନ ସ୍ଥାନରେ ନଦୀର ସ୍ୱର, ନଦୀବନ୍ଧ କ୍ଷୟକ୍ଷତି ଘଟିଛି। ଏଥିସହିତ ପଶ୍ଚିମବଙ୍ଗର ଉଦବୃତ୍ତ ବର୍ଷାଜଳ ଭୋଗରାଇରେ ପ୍ଲାବିତ ହୋଇ ଅଦ୍ୟାବଧି ବିଭିନ୍ନ ସ୍ଥାନରେ କୃତ୍ରିମ ହ୍ରଦ ସୃଷ୍ଟି କରିଛି। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଦୀର୍ଘଦିନ ଧରି ନିଷ୍କାସନ ହୋଇପାରୁ ନ ଥିବାରୁ ପ୍ରାୟ ୧୫ହଜାର ହେକ୍ଟର ଜମିରେ ଧାନ ଓ ପନିପରିବା ଫସଲ ପଚି ନଷ୍ଟ ହୋଇଛି। ଏଭଳି ସ୍ଥିତି ଦେଖି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବନ୍ୟାଞ୍ଚଳ କ୍ଷତି ହୋଇଥିବା ବିଭିନ୍ନ ସ୍ଥାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜଳ ସମ୍ପଦ ବିଭାଗର ଏସ୍‌ଡ଼ିଓ ପ୍ରିୟବ୍ରତ ସିଂ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ସିଅଳ, ଡାକ୍ତର ସିଂ, ଡ୍ରେନେଜ ବିଭାଗ ଏସ୍‌ଡ଼ିଓ ଇରାକ ବେହେରା, ସହକାରୀ ଯନ୍ତ୍ରୀ ହରିନାରାୟଣ ପ୍ରାମାଣିକ, ରଞ୍ଜନ ପାତ୍ର ବନ୍ୟାରେ କ୍ଷତି ଘଟିଥିବା ଅଞ୍ଚଳକୁ ଯାଇ ସ୍ଥିତି ଆକଳନ କରିଛନ୍ତି। ସ୍ଥାନୀୟ ଲୋକ, ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ସହିତ ଦୀର୍ଘ ସମୟ ଆଲୋଚନା କଲା ପରେ ବନ୍ୟାରେ କ୍ଷତି ହୋଇଥିବା ବିଷୟକୁ ନେଇ ଗୁରୁତ୍ୱ ଦେବା ସହିତ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

## ବ୍ଲକସ୍ତରୀୟ ସୁରଭି: ପ୍ରତିଭା ଦେଖାଇଲେ ୧୭ କ୍ଲଷ୍ଟରର ଛାତ୍ରୀଛାତ୍ର

**ଖଇରା, ୧୮।୧୦(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ୧୭ ଆଞ୍ଚଳିକ ସାଧନ କେନ୍ଦ୍ର(କ୍ଲଷ୍ଟର)ରୁ ଆସିଥିବା କୃତୀ ଛାତ୍ରୀଛାତ୍ରମାନେ ସେମାନଙ୍କର ପାରଦର୍ଶିତା ଦେଖାଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ପିଲାମାନଙ୍କର ଦକ୍ଷତା ବିକାଶ ପାଇଁ ସୁରଭି ଉତ୍କୃଷ୍ଟ ମଞ୍ଚ ବୋଲି ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ସିଆରସିସି ଲକ୍ଷ୍ମଣ ସେନ, ନଟବର ଦାସ, ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ଦାସ, ରଞ୍ଜନ କୁମାର ମହଲା ପ୍ରମୁଖ ଯୋଗ ଦେଇଥିଲେ। ପରେ ଜୁନିୟର ସିନିୟର ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ଓ ଗୋଲକ ବିହାରୀ ପାଢୀ, ଏବିଇଓ ପାର୍ବତୀ ପଣ୍ଡା, ପ୍ରାକ୍ତନ ଏବିଇଓ ଶ୍ରୀଧର ବେହେରା, ଗୌରାଙ୍ଗ ମହାପାତ୍ର, ହେମନ୍ତ ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୁବାସ ଚନ୍ଦ୍ର ସାହୁ, ପ୍ରଶାନ୍ତ ହୋତା ଓ ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପ୍ରଶାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ରାସ୍ତା ସମ୍ପ୍ରସାରଣ ପାଇଁ ସରକାରୀ ଜମିରୁ ଉଚ୍ଛେଦ ଆରମ୍ଭ

**ସୋର, ୧୮।୧୦(ଜନ୍ମେଜୟ ମିଶ୍ର)**

ସୋର ଉତ୍ତରେଶ୍ୱର ଓ କଲେଜ ଛକ ଗଳାପୋଲ ଓ ସାରିଆ ଓ ଏନଏଚ-୧୬ ରାସ୍ତା କାର୍ଯ୍ୟ ବିଳମ୍ବ କରାଯାଉଥିବା ପ୍ରତିବାଦରେ ସୋର ନାଗରିକ ମଞ୍ଚ ଗୁରବାର ରାସ୍ତା ଅବରୋଧ କରିଥିଲା। ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ୧ ମାସ ମଧ୍ୟରେ ଗଳାପୋଲ କାର୍ଯ୍ୟ ହେବ ଓ ରାସ୍ତା ସମ୍ପ୍ରସାରଣ କରାଯିବା ସହିତ ଦୁଇଦିନ ମଧ୍ୟରେ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହି ଅନୁସାରେ ଶୁକ୍ରବାର ଜାତୀୟ ରାଜପଥ କଡ଼ ଉତ୍ତରେଶ୍ୱରଠାରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ପୋଲିସ ଫୋର୍ସ ସହିତ ତହସିଲ ଓ ମ୍ୟୁନିସିପାଲିଟି ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ସୋର ଅତିରିକ୍ତ ତହସିଲଦାର ଜଗନ୍ନାଥ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଏଲ୍. କେ. ମୁର୍ମୁ ଓ ସୋର ପୋଲିସ ଦୁଇ ପ୍ଲାଟୁନ ଫୋର୍ସ ସହାୟତାରେ ଜବରଦଖଲ ଉଚ୍ଛେଦ କରିଥିଲେ। ଆଗାମୀ ଦିନରେ ଉଭୟ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରାଯାଇ ଗଳାପୋଲ ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡିଛି।

## ଲୁହାପଡ଼ା ଜଙ୍ଗଲରେ ଝାଡ଼ଖଣ୍ଡୀ ହାତୀ, ବନ ବିଭାଗ ନାକେଦମ୍

**ଜଳେଶ୍ୱର, ୧୮।୧୦(ନବୀନ ସାହୁ/ ରବିନାରାୟଣ ପାତ୍ର)**



ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନାହିଁ। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଦୀର୍ଘ ୫ବର୍ଷ ହେବ ଏହି ଅଞ୍ଚଳରେ ହାତୀମାନେ ଆତଙ୍କ ଖେଳାଇ ଚାଲିଛନ୍ତି। ଦିନବେଳା ହାତୀମାନେ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜନବସତି ଏବଂ କ୍ଷେତମୁହାଁ ହେଉଛନ୍ତି। ଫଳରେ ଧାନଫସଲ କ୍ଷତି ହେବା, ଲୋକଙ୍କୁ ମାରିବା ସହିତ ଘର ମଧ୍ୟ ଭାଙ୍ଗୁଛନ୍ତି। ଫଳରେ ସନ୍ଧ୍ୟା ହେଲେ ଏହି ଅଞ୍ଚଳରେ ତାଟି କବାଟ ପଡୁଛି।

ସୂଚନା ଅନୁଯାୟୀ, ଗୁରୁବାର ରାତି ୧୨ଟାରେ ବାଲେଶ୍ୱର ଏବଂ ମୟୂରଭଞ୍ଜ ସୀମା କେନ୍ଦୁଖୁଣ୍ଟା ବିଲ ଦେଇ ଭୋର ସମୟରେ ୫୫ ଝାଡ଼ଖଣ୍ଡୀ ହାତୀପଲ ଆସି ଲୁହାପଡ଼ା ଜଙ୍ଗଲରେ ପହଞ୍ଚିଛନ୍ତି। ଏହି ୫୫ଟିକିଆ ହାତୀପଲକୁ ଜଙ୍ଗଲକୁ ଘଉଡ଼ାଇବା ପାଇଁ ରାଇବଣିଆ ବନ କାର୍ଯ୍ୟାଳୟ ପକ୍ଷରୁ ଫରେଷ୍ଟର ପ୍ରହ୍ଲାଦ ନାୟକ ଏବଂ ଫରେଷ୍ଟ ଗାର୍ଡ଼ ଦିଲୀପ ସିଂଙ୍କ ସହିତ ବନବିଭାଗ ସ୍କ୍ୱାଡ୍ ଉପସ୍ଥିତ ରହିଛନ୍ତି। ହାତୀଗୁଡ଼ିକ ଲୁହାପଡ଼ା ଜଙ୍ଗଲ ଆଡକୁ ମୁହାଁଇଛନ୍ତି। ଏ ନେଇ ଶୁକ୍ରବାର ସକାଳେ ବନରକ୍ଷୀ ଖୁସବନ୍ତ ସିଂ ଏବଂ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ ଆସି ଅଞ୍ଚଳ ବୁଲିଥିଲେ। ଉକ୍ତ ହାତୀପଲକୁ ଘଉଡାଇବା ପାଇଁ ବାଲେଶ୍ୱରରୁ ଏକ ଟିମ୍ ମଧ୍ୟ ଆସି ପହଞ୍ଚିଛି। ହାତୀପଲ ଉପରେ ବନ ବିଭାଗ ନଜର ରଖିଛି।

## ଜଳେଶ୍ୱରରେ ବିଶ୍ୱ ଧଳାବାଡ଼ି ସପ୍ତାହ ପାଳିତ

**ଜଳେଶ୍ୱର, ୧୮।୧୦(ତପନ ନାୟକ)**

ଜଳେଶ୍ୱରର ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡି ସପ୍ତାହ ପାଳିତ ହୋଇଛି। ଅନୁଷ୍ଠାନ ସଭାପତି ବିଷ୍ଣୁପଦ ମହାନ୍ତି ସଭାପତିତ୍ୱ କରି ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କମିଶନର ବ୍ରତତୀ ହରିଚନ୍ଦନ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସଚେତନ କରାଇପାରିଲେ ତାଙ୍କ ମନରେ ଥିବା ନକାରାତ୍ମକ ଚିନ୍ତା ଦୂର ହୋଇଥାଏ ଓ ସେ ନିଜେ ସମାଜର ମୁଖ୍ୟସ୍ରୋତରେ ଅଗ୍ରସର ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଦୃଷ୍ଟିବାଧିତ ସଙ୍ଗଠନର ପୂର୍ବତନ ସମ୍ପାଦକ ପ୍ରଫେସର ଶରତ କୁମାର ଦାସ, ସମ୍ମାନନୀୟ ଅତିଥି ଭାବେ ଜଳେଶ୍ୱର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ, ତହସିଲଦାର ସତ୍ୟଜିତ୍ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଅକ୍ଷମ କଲ୍ୟାଣ ସଂସ୍ଥାର ପ୍ରତିଷ୍ଠାତା ଡ. ଯୁଗଳ କିଶୋର ପ୍ରଧାନ ଯୋଗଦେଇ ସରକାରଙ୍କ ସ୍ୱୀକୃତି ପାଇଥିବା ଏହି ବିଦ୍ୟାଳୟକୁ ସମସ୍ତ ସରକାରୀ ସୁବିଧା ଯୋଗାଇବାକୁ ରାଜ୍ୟ କମିଶନରଙ୍କୁ ନିବେଦନ କରିଥିଲେ। ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ କପିଳେଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଦ୍‌ଭାବନା ସମିତି ବୈଠକ

**ବାରିପଦା,୧୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ପ୍ରଜାପିତା ଈଶରୀୟ ବିଶ୍ୱବିଦ୍ୟାଳୟରେ ୫୪୬ତମ ମାସିକ ସନ୍ଥ ଦିବସ ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ଆତ୍ମଦେବ ପୂଜନରେ ନିର୍ବାଣ ପ୍ରାପ୍ତି' ପ୍ରସଙ୍ଗରେ ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଶାସ୍ତ୍ରବାଣୀର ବ୍ୟାଖାନ କରିଥିଲେ। ମୁଖ୍ୟ ପ୍ରବକ୍ତା ଭାବେ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ ଯୋଗଦେଇ କୌଣସି ପ୍ରକାରର ଲାଳସା ନ ରଖି ପ୍ରତ୍ୟେକ ବିଷୟକୁ ସହଜରେ ଗ୍ରହଣ କରିବା ଦ୍ୱାରା ହିଁ ଆତ୍ମସନ୍ତୋଷ ମିଳିଥାଏ ବୋଲି ଦର୍ଶାଇଥିଲେ। ବିଶେଷ ପ୍ରବକ୍ତା ଡ. ବିଜୟ କୁମାର ଅଗ୍ରୱାଲା ନିଜ ମଧ୍ୟରେ ଶାନ୍ତି ଖୋଜିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟ ପ୍ରାଣୀ ଚିକିତ୍ସା ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡା. ଏ ଭାନୁମୂର୍ତ୍ତିଙ୍କୁ ସଦ୍‌ଭାବନା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଜାପିତାର ସଞ୍ଚାଳିକା ଭଉଣୀ ଉମା, ଗାୟତ୍ରୀର ଗଗନ ବିହାରୀ ବେହେରା, ସତ୍‌ସଙ୍ଗ ବିହାରର ବେଣୁଧର ମହାରଣା, ରାଧାଗୋବିନ୍ଦ ଧାମର ପଶୁପତି ନାଏକ, ସତ୍ୟସାଇର ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ଜିଲା ପରି ରାଜ୍ୟ ସରକାର ଓଡ଼ିଶାର ସବୁ ଜିଲାରେ ଜିଲାପାଳଙ୍କ ସଭାପତିତ୍ୱରେ ସର୍ବଧର୍ମ ସମ୍ପ୍ରଦାୟର ସଞ୍ଚାଳକଙ୍କୁ ନେଇ ସଭାବନା ସମିତି ଗଠନ କଲେ, ତାହା ଗୋଷ୍ଠୀ ସଂଘର୍ଷ ଦୂର ପାଇଁ ଶାନ୍ତି କମିଟି ରୂପେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ଦେଇଥିଲେ। ସେହି ଅନୁଯାୟୀ ବୈଠକରେ ସର୍ବସମ୍ମତିକ୍ରମେ ରାଜ୍ୟର ସବୁ ଜିଲାରେ ସଭାବନା ସମିତି ପ୍ରତିଷ୍ଠା କରାଯିବା ସକାଶେ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ସତ୍ୟାନନ୍ଦ ଶେଜପଡ଼ା ସ୍ୱାଗତ ଉଦବୋଧନ ଦେବା ପରେ ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ଗୀତା ସ୍ୱାଇଁ ବକ୍ତବ୍ୟ ରଖିଥିଲେ ସମିତିର ସହସମ୍ପାଦକ ଇଂ, ସରୋଜ କୁମାର ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ଅତିଥିମାନେ।

## ରାଜ୍ୟସ୍ତରୀୟ 'ଉତ୍କଳ ଜ୍ୟୋତି' ସମ୍ମାନରେ ଦେବାଂଶ ପ୍ରଥମ

**କାଳିପଦା, ୧୮।୧୦(ରାଜଶ୍ରୀ ପାଣିଗ୍ରାହୀ)**-ଚଳିତ ଶିକ୍ଷାବର୍ଷରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ତରଫରୁ ଗତ ୯ତାରିଖରେ ୧୦ଟି ଦକ୍ଷତାକୁ ଭିତ୍ତି କରି ରାଜ୍ୟସ୍ତରୀୟ 'ଉତ୍କଳ ଜ୍ୟୋତି' ସମ୍ମାନ ଚୟନ ନିମନ୍ତେ ଏକ ସର୍ବେକ୍ଷଣ କରାଯାଇଥିଲା। ସର୍ବେକ୍ଷଣରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ନୂଆଗାଁ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଦେବାଂଶ ବେହେରା ଉପଶିଶୁ ବିଭାଗରେ ରାଜ୍ୟରେ ଟପ୍ପର ହୋଇଛନ୍ତି। ବିଶ୍ୱ ଛାତ୍ର ଦିବସରେ କଳିଙ୍ଗବୁଦ୍ଧ ମନ୍ଦିର ଭୁବନେଶ୍ୱରଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଦେବାଂଶ ଯୋଗଦେଇ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମତ୍ସ୍ୟ ଓ ପ୍ରାଣୀପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କଠାରୁ 'ଉତ୍କଳଜ୍ୟୋତି ସମ୍ମାନ' ଉପାଧି ଏବଂ ପୁରସ୍କାର ଗ୍ରହଣ କରିଛନ୍ତି। ଦେବାଂଶ ନୂଆଗାଁ ଗ୍ରାମର ସୁବାସ ଚନ୍ଦ୍ର ବେହେରା ଏବଂ ସଞ୍ଜିତା ମହାନ୍ତିଙ୍କର ପୁତ୍ର ଅଟନ୍ତି।

# ମହିଳାଙ୍କୁ ସଶକ୍ତ କରୁଛି ଦିଶା

**ସୁବର୍ଣ୍ଣରେଖା ପୋର୍ଟ, ଟିଏସ୍‌ଏଫ୍‌ର ନିଆରା ପ୍ରୟାସ**

**୧୩ ପଞ୍ଚାୟତର ୨ଶହ ମହିଳାଙ୍କୁ ମିଳିଲା ଦକ୍ଷତା**

**ବାଲେଶ୍ୱର, ୧୮।୧୦(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ଅଧୀନ ବାଲିଆପାଳ ଓ ବସ୍ତା ବ୍ଲକରେ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡ ସହଯୋଗରେ ଦିଶା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି। ଉଭୟ ବ୍ଲକର ୧୩ଟି ଗ୍ରାମ ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଦକ୍ଷତା ପ୍ରଦାନ କରିବା ଲାଗି ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଅବହେଳିତ ମହିଳାମାନେ ସେମାନଙ୍କ ଆଖପାଖ ଅଞ୍ଚଳରେ ସଶକ୍ତ ହେବା ସହ ସ୍ଥାନୀୟ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଛନ୍ତି।

୨୦୨୩ରେ ଦିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଞ୍ଜଳି ଖଟୁଆ କହିଛନ୍ତି ଯେ, ଦିଶା ତାଲିମ ମାଧ୍ୟମରେ ମୁଁ ମୋ ଅଧିକାର ଏବଂ ଦାୟିତ୍ୱ ବିଷୟରେ ସଚେତନ ହୋଇପାରିଛି। ଏହି କାର୍ଯ୍ୟକ୍ରମ ଜରିଆରେ, ଅଞ୍ଜଳି ନିଜ ଘର ପଛପଟେ ଛତୁ ଚାଷ ବ୍ୟବସାୟ ଆରମ୍ଭ କରିଥିଲେ। ଫଳରେ ତାଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବଢିବା ସହିତ ସେ ନଡ଼ିଆ କତାରୁ ଖେଳନା, କଣ୍ଢେଇ ଓ ଫୁଲଦାନି ସମେତ ହସ୍ତଶିଳ୍ପ ସାମଗ୍ରୀ ତିଆରି କରିଥିଲେ। ଏହି କାର୍ଯ୍ୟକ୍ରମ ତାଙ୍କ ଜୀବନରେ ଗଭୀର ପରିବର୍ତ୍ତନ ଆଣିପାରିଛି ବୋଲି ସେ କହିଛନ୍ତି। ଉଗରା ଗାଁର ମହିଳା ସଂଯୁକ୍ତା ନାଗ କହିଛନ୍ତି ଯେ, ଗାଁର ବିକାଶରେ ଦିଶା କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ଏହା କେବଳ ଦିଶା ପ୍ରଶିକ୍ଷଣ କର୍ମଶାଳା ଦ୍ୱାରା ସମ୍ଭବ ହୋଇପାରିଛି। ଏହି କାର୍ଯ୍ୟକ୍ରମ ମହିଳାମାନଙ୍କୁ ସେମାନଙ୍କ ସ୍ଥାନୀୟ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଉତ୍ସାହିତ କରୁଛି।

ନିକଟରେ ସଂଯୁକ୍ତା ଅନ୍ୟ ମହିଳାଙ୍କ ସହ ମିଶି ଗାଁରେ ଘରୋଇ ବର୍ଜ୍ୟବସ୍ତୁର ଯୋଜନାବଦ୍ଧ ନିଷ୍କାସନ ନେଇ ପଞ୍ଚାୟତରେ ଅଭିଯୋଗ କରିଥିଲେ। ପଞ୍ଚାୟତ ଏହାର ସମାଧାନ ଦିଗରେ କାର୍ଯ୍ୟ କରୁଥିବା ବେଳେ ଗାଁର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ପାଇଁ ସଫେଇ ଅଭିଯାନ ଆୟୋଜନ କରିବାକୁ ପଦକ୍ଷେପ ନେଇଛି। ଏଥିସହ ଗାଁର ମହିଳାମାନେ ବାଲ୍ୟ ବିବାହକୁ ରୋକିବା, ଲୋକଙ୍କ ଅଧିକାର ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ସଶକ୍ତକରିବା ଭଳି କାର୍ଯକ୍ରମର ସାମାଜିକ ପ୍ରଭାବ ଦିଗରେ ଦିଶା ଆଲୋକପାତ କରୁଛି।


ଦକ୍ଷତା ବିକାଶ ଶିବିରରେ ମହିଳାମାନେ।

# ବ୍ଲକ୍‌ସ୍ତରରେ ହେବ ନିଯୁକ୍ତି ପରାମର୍ଶ ମେଳା

## ଜିଲ୍ଲା ଦକ୍ଷତା ବିକାଶ ବିଭାଗର ବୈଠକ

କେନ୍ଦୁଝର,୧୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ଯୁବତୀ, ଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇବା, ରୋଜଗାରକ୍ଷମ କରିବା ଓ ଯୁବ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରାଇବା ପାଇଁ ଉପଯୁକ୍ତ ତାଲିମ ଓ ମାର୍ଗ ଦର୍ଶନ ପ୍ରଦାନ ନିମନ୍ତେ ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ବିଭାଗ ପକ୍ଷରୁ ଜିଲାରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ନେଇ ଜିଲାର ୧୩ ବ୍ଲକ୍‌ରେ ପର୍ଯ୍ୟାୟକ୍ରମେ ପରାମର୍ଶ ମେଳା ଆୟୋଜନ କରାଯିବ। କେନ୍ଦୁଝର ଜିଲା ପରିଷଦ କାର୍ଯ୍ୟାଳୟସ୍ଥ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଜିଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ସୂଚନା ଦେଇଛନ୍ତି।

ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକଙ୍କ ଅଧକ୍ଷତା କରି ଯୁବତୀ, ଯୁବକଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ତାଲିମ ପ୍ରଦାନ ନିମନ୍ତେ ରାଜ୍ୟ, କେନ୍ଦ୍ର ସରକାର ଏବଂ ଜିଲା ପ୍ରଶାସନ ଦ୍ୱାରା ପରିଚାଳିତ ଜିଲା ଖଣିଜ ପ୍ରତିଷ୍ଠାନର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ସଦର ଓ ବାଂଶପାଳ ବ୍ଲକ୍‌ରେ ଯଥାକ୍ରମେ ଅକ୍ଟୋବର ୨୯ ଓ ୩୦, ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା, ସାହାରପଡ଼ା, ତେଲକୋଇ, ହରିଚନ୍ଦନପୁର, ଘଟଗାଁ, ଘଷିପୁରା, ଆନନ୍ଦପୁର ଓ ହାଟଡିହୀ ବ୍ଲକ୍‌ରେ ଯଥାକ୍ରମେ ନଭେମ୍ବର ୧, ୨, ୪, ୫, ୬, ୭, ୮, ୧୧, ୧୨, ୧୩ ଓ ୧୪ରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ସେହିପରି ନଭେମ୍ବର ୨୬ ଓ ୨୭ ତାରିଖରେ କେନ୍ଦୁଝରସ୍ଥିତ ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟଠାରେ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ସେହିପରି କେନ୍ଦୁଝର ଜିଲା ଗସ୍ତ ବେଳେ ପ୍ରମୁଖ ସଚିବ ହେମନ୍ତ ଶର୍ମା ଜିଲାରେ ଅଧିକ ଆଇଟିଆଇ ଖୋଲିବା ନେଇ ଦେଇଥିବା ପରାମର୍ଶ ଉପରେ ଆଲୋଚନା କରାଯାଇ ପ୍ରସ୍ତୁତି ସମ୍ପନ୍ନ କରି ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ଆଲୋଚନା ହୋଇଥିଲା। ଜିଲା ପ୍ରଶାସନ ସହ ଚୁକ୍ତି ସାକ୍ଷର କରିଥିବା ବିଭିନ୍ନ ତାଲିମ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାମାନଙ୍କ ସଫଳତା ତର୍ଜମା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଉପ ଆରକ୍ଷୀ ଅଧିକ୍ଷକ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ, ଜିଲାସ୍ତରର ଅଧିକାରୀ ବୃନ୍ଦ, ବୈଷୟିକ ତାଲିମ କେନ୍ଦ୍ରର ମୁଖ୍ୟ, ବିଭିନ୍ନ କମ୍ପାନୀର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଓ ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ।

# ମା' ଗଜଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା




ଆନନ୍ଦପୁର,୧୮।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡିହା, କଣ୍ଟିପାଳ ଗ୍ରାମରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳିତ ହେଉଛି। ବିରିଡିହା ଗ୍ରାମରେ ପୂଜକ ହରିନାଥ ଷଡ଼ଙ୍ଗୀ, ପିତାମ୍ବର ପଣ୍ଡା ରହିଥିବା ବେଳେ, କଣ୍ଟିପାଳ ଗ୍ରାମରେ ହେମନ୍ତ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ଷଡ଼ଙ୍ଗୀ ରୀତିନୀତି ଅନୁସାରେ ତିନିଦିନ ଧରି ପୂଜାର୍ଚ୍ଚନା କରିଥିଲେ। ଗୁରୁବାର ସନ୍ଧ୍ୟାରେ ବିରିଡିହା ଗ୍ରାମରେ ଓଡିଶା ଭାଷା ସାହିତ୍ୟ ସଂସ୍କୃତି ପକ୍ଷରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠି ପହଞ୍ଚି ମା'ଙ୍କ ଆଶିଷ ଲାଭ କରିଥିଲେ।

**ଛେନାପଦି,(ନିରାକାର ପରିଡା):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆଇତିପୁର ପଞ୍ଚାୟତ ରାଘବପୁର ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ଜମୁଛି। ବଳରାମ ଜେନାଙ୍କ ତତ୍ତ୍ୱାବଧାନରେ ୨୩ ବର୍ଷ ଧରି ପୂଜା ହେଉଥିବା ବେଳେ ବୁଧବାର ନିକଟବର୍ତ୍ତୀ ପୋଖରୀରୁ ଘଟଉତ୍ତୋଳନ ହୋଇ ମା' ମହାଲକ୍ଷ୍ମୀଙ୍କ ପୂଜା ହୋଇଥିଲା। ପଣ୍ଡିତ ଜଗନ ଦାସଙ୍କ ଦ୍ୱାରା ବେଦମନ୍ତ୍ରରେ ମା'ଙ୍କ ପୂଜା କରାଯାଇଥିଲା। ବଳରାମ ଜେନା ଓ ତାଙ୍କ ପତ୍ନୀ ପ୍ରମିଳା ଜେନା କର୍ତ୍ତାଭାବେ ପୂଜା ବିଧିବଦ୍ଧ ଭାବେ କରିଥିଲେ। ମା'ଙ୍କ ତୋରଣ ଓ ଆଲୋକ ସାଜସଜାରେ ଗାଁ ଝଟକୁ ଥିବାବେଳେ ସନ୍ଧ୍ୟାର ଭଜନ ସମାରୋହ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମକୁ ଗ୍ରାମବାସୀ ସହଯୋଗ କରୁଛନ୍ତି।

### ସେଣ୍ଡକାପରେ ମା'ଙ୍କୁ ମେଲାଣି

**କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କୁ ମେଲାଣି ଦିଆଯାଇଛି। ୩ ଦିନ ଧରି ପୂଜା କାର୍ଯ୍ୟ ଚାଲିଥିବାବେଳେ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଅତ୍ୟାଧୁନିକ ଗେଟ, ଲାଇଟ, ସାଉଣ୍ଡ, ଆକର୍ଷଣ ତୋରଣରେ ପୂଜା ମଣ୍ଡପ ଝଲସୁଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ ଡିଜେ ସାଉଣ୍ଡରେ ମା'ଙ୍କୁ ଗ୍ରାମ ପରିକ୍ରମା କରି ମେଲାଣି ଦିଆଯାଇଥିଲା। ମହାଲକ୍ଷ୍ମୀ କମିଟିର ବାସନ୍ତୀ ମହାନ୍ତ, ରୁକ୍ମଣୀ ମହାନ୍ତ, ରଞ୍ଜିତା ମହାନ୍ତ, ମଲ୍ଲି ମହାନ୍ତ, ଅଞ୍ଜଳି ମହାନ୍ତ, ପଙ୍କଜିନି ମହାନ୍ତ, ରଞ୍ଜିତା ବେହେରା, ରେବତୀ ମହାନ୍ତ, ଟିଂକି ବେହେରା, ଲକ୍ଷ୍ମୀ ପ୍ରିୟା ମହାରଣା, ପିଙ୍କି ବେହେରା ପ୍ରମୁଖ ସହଯୋଗ କରିଥିଲେ।


କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ସେଣ୍ଡକାପ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା।

# ଖବର ପ୍ରକାଶ ପରେ ନୂତନ ଖୁଣ୍ଟ ଲାଗିଲା

## ବିଦ୍ୟୁତ ଖୁଣ୍ଟ୍‌କୁ ନଡ଼ିଆ ଗଛରେ ବାନ୍ଧି ରଖିବା ଘଟଣା

ରାମଚନ୍ଦ୍ରପୁର,୧୮।୧୦(ଗଣେଶ୍ୱର ସା)



କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବେଲବାହାଳି ବରମୂଳ ସାହିରେ ଥିବା ଭଙ୍ଗା ବିଦ୍ୟୁତ୍ ଖୁଣ୍ଟକୁ ଦୀର୍ଘ ଦିନ ହେବ ଏକ ନଡ଼ିଆ ଗଛରେ ବାନ୍ଧି ରଖାଯାଇଥିଲା। ଏ ନେଇ 'ଧରିତ୍ରୀ'ରେ ଅକ୍ଟୋବର ୩ରେ 'ବିଦ୍ୟୁତ୍ ଖୁଣ୍ଟକୁ ନଡ଼ିଆ ଗଛ ଭରସା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଶୁକ୍ରବାର ଟାଟା ପାୱାର କର୍ମଚାରୀ ପହଞ୍ଚି ନୂତନ ବିଦ୍ୟୁତ୍ ଖୁଣ୍ଟ ଲଗାଇଛନ୍ତି।

ପ୍ରକାଶ ଯେ, ଟାଟା କମ୍ପାନୀ ପକ୍ଷରୁ ଲୋକଙ୍କ ସୁରକ୍ଷା ପାଇଁ କେବୁଲ ତାର ସାହାଯ୍ୟରେ କନେକ୍ସନ ଓ ନୂତନ ବିଦ୍ୟୁତ ଖୁଣ୍ଟ ପୋତାଯାଉଛି। ବେଲବାହାଳିରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। କାଳବୈଶାଖୀ ଯୋଗୁ ଗ୍ରାମରେ ଏକ ବିଦ୍ୟୁତ୍ ଖୁଣ୍ଟ ନଇଁ ପଡ଼ିଥିବା ବେଳେ ଟାଟା କର୍ମଚାରୀ ଖୁଣ୍ଟଟିକୁ ଏକ ନଡ଼ିଆ ଗଛରେ ବାନ୍ଧି ରଖିଥିଲେ। ଯାହାଦ୍ୱାରା ବର୍ଷା ପବନ ହେଲେ ଗଛ ସହିତ ଖୁଣ୍ଟଟି ମଧ୍ୟ ହଲୁଥିଲା। ଏ ନେଇ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇପଡିଥିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଖବର ପ୍ରକାଶ ପରେ ଟାଟା ପାୱାରର କର୍ମଚାରୀ ପହଞ୍ଚି ନୂତନ ବିଦ୍ୟୁତ୍ ଖୁଣ୍ଟ ପକାଇ କେବୁଲ ତାର ଦେଇଥିବା ଜଣାଯାଇଛି। ବରମୂଳ ସାହିର ବାସିନ୍ଦା ରାଧାରାଣୀ ସାହୁ, ନିରାକାର ସାହୁ, ଅରୁଣ ସାହୁ, ସାରଙ୍ଗଧର ସାହୁ, ବାଞ୍ଛାନିଧି ସାହୁ, ଶତ୍ରୁଘ୍ନ ସାହୁ, ପ୍ରଫୁଲ୍ଲ ସାହୁ, ସୁଦାମ ଚରଣ ସାହୁ, ଅରୁଦ୍ଧ ସାହୁ, ପ୍ରଫୁଲ୍ଲ ସାହୁ ଟାଟା କମ୍ପାନୀର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜନସେବା କେନ୍ଦ୍ରରେ ଆଧାର ସମ୍ବନ୍ଧୀୟ ସେବା ମିଳୁନି

## ହଇରାଣ ହେଉଛନ୍ତି ସୁଭଦ୍ରା ହିତାଧିକାରୀ

ରାମଚନ୍ଦ୍ରପୁର, ୧୮।୧୦ (ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ ୫ ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ରରେ ଆଧାର ସମ୍ବନ୍ଧୀୟ ସେବା ମିଳୁନାହିଁ। ଫଳରେ ସୁଭଦ୍ରା ହିତାଧିକାରୀ ଯୋଜନାରେ ସାମିଲ ହେବା ପାଇଁ ଆଧାରରେ ନମ୍ବର ଲିଂ ଓ ଆଧାର ସଂଶୋଧନ କରିପାରୁନାହାନ୍ତି। ଅନେକେ ଖର୍ଚ୍ଚାନ୍ତ ହୋଇ ୧୦ କିଲୋମିଟର ଯାଇ ଡାକଘରରେ ଆଧାର ସଂଶୋଧନ କରି ହଇରାଣ ହେଉଥିବା କହିଛନ୍ତି।

ସୂଚନା ଅନୁଯାୟୀ, ବେଲବାହାଳି, ହରିଡ଼ାପାଳ, ବାଇଲୋ, ଜଳସୁଆଁ ଓ ପଞ୍ଚୁପଲ୍ଲୀ ଆଦି ପଞ୍ଚାୟତଗୁଡ଼ିକରେ ଥିବା ଜନସେବା କେନ୍ଦ୍ରରେ ଆଧାର ସଂଶୋଧନ ସେବା ମିଳିପାରୁନାହିଁ। ଏ ନେଇ ପ୍ରତିଦିନ ଜନସେବା କେନ୍ଦ୍ର ଆଗରେ ଲମ୍ବା ଲାଇନ ଦେଖିବାକୁମିଳୁଛି। ବର୍ତ୍ତମାନ ଏହି ୫ ପଞ୍ଚାୟତ ମଧ୍ୟରେ ଥିବା ଜନସେବା କେନ୍ଦ୍ରଗୁଡ଼ିକରେ ଆଧାର ସଂଶୋଧନ ସୁବିଧା ମିଳୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚୁପଲ୍ଲି ପଞ୍ଚାୟତର ଚିତ୍ତରଞ୍ଜନ ନାଏକ, ଜଳସୁଆଁ ପଞ୍ଚାୟତ ଜନସେବା କେନ୍ଦ୍ରର ସବିତା ଜେନା କହିଛନ୍ତି, ସେମାନେ ଅନେକ ଖର୍ଚ୍ଚ କରି ସବୁ ପ୍ରକାର ବ୍ୟବସ୍ଥା କରିଥିଲେ ମଧ୍ୟ ସରକାରଙ୍କ ଅନୁମତି ନ ଥିବାରୁ ଉକ୍ତ କାର୍ଯ୍ୟ କରିପାରୁନାହାନ୍ତି। ଜନସେବା କେନ୍ଦ୍ରରେ ନୂତନ ଆଧାରକାର୍ଡ ଓ ସଂଶୋଧନ ପାଇଁ ମମତା ରାଣୀ ରଣା, ଗିତାଞ୍ଜଳି ରଣା, ମମସ୍ମିତା ସା, ନିରୂପମା ସାହୁ, ରେବତୀ ସା, ପ୍ରୀତିମୟୀ ଖୁଣ୍ଟିଆ, କନକଲତା ମାଝୀ, ବିଷ୍ଣୁପ୍ରିୟା ଦେହୁରୀ ଦାବି କରିଛନ୍ତି। ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାଏକ କହିଛନ୍ତି, ପୂର୍ବରୁ ଜନସେବା କେନ୍ଦ୍ର ବ୍ଲକ୍ ଅଧୀନରେ ଥିଲା। ଏବେ ଜନସେବା କେନ୍ଦ୍ରଗୁଡ଼ିକୁ ଜିଲା କାର୍ଯ୍ୟାଳୟରୁ ଲାଇସେନ୍ସ ପ୍ରଦାନ କରାଯାଉଛି। ଏହି ବିଷୟରେ ଜିଲା କାର୍ଯ୍ୟାଳୟରେ ବୁଝିବାକୁ ପଡ଼ିବ। ସମସ୍ୟା ବିଷୟରେ ଅନୁଧାନ କରି ଜଣାଇବାକୁ ଚେଷ୍ଟା କରିବେ ବୋଲି କହିଥିଲେ।


ଆଧାର ସଂଶୋଧନ ପାଇଁ ଆସିଥିବା ମହିଳାମାନେ।

# ଜବରଦଖଲରେ ରାସ୍ତା, ସରକାରୀ ଜମି

## ଉଚ୍ଛେଦ କରିବାକୁ ଗ୍ରାମବାସୀଙ୍କ ଦାବି

ବଡଳା,୧୮।୧୦(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ପଞ୍ଚାୟତର କାନପୁରଠାରୁ ମରଚାଇପଦା ଗାଁ ରାସ୍ତା ଦିନକୁ ଜବରଦଖଲ ହୋଇଯାଉଛି। ରାସ୍ତା ଉପରକୁ ମାଡ଼ି ଘର ନିର୍ମାଣ ହେଉଥିବାରୁ ଯାତାୟାତରେ ସମସ୍ୟା ଉପୁଜୁଛି। ଗାଁଭିତରେ ଚାରିଚକିଆ ଯାନ ଚଳାଚଳ କଷ୍ଟକର ହୋଇପଡିଥିବା ବେଳେ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯିବା କଷ୍ଟକର ହୋଇପଡ଼ିଛି। ପୂର୍ବରୁ ସେହି ଗାଁ ରାସ୍ତା ଭିତରେ ଟ୍ରକ ଯିବାର ସୁବିଧା ଥିବାବେଳେ ଏବେ ରାସ୍ତା ଜବରଦଖଲ କାରଣରୁ ସମସ୍ୟା ସୃଷ୍ଟି ହେଉଛି। ଗାଁରେ ଥିବା ନଳକୂପ ପାଣି ଓ ପାଇପ୍ ପାଣି ରାସ୍ତା ଉପରେ ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଗାଁର ଦକ୍ଷିଣ ପାର୍ଶ୍ୱରେ ଥିବା ଗୁଡ଼ି ପୋଖରୀ ଚାରିପାଖରେ ଥିବା ଗୋଚର ଜମିକୁ କିଛି ଲୋକ ଜବରଦଖଲ କରି ରଖିଛନ୍ତି। ଫଳରେ ଗୋରୁ ଚରିବାରେ ଅସୁବିଧା ହେଉଛି। ଏହାକୁ ନେଇ କାନପୁର ଓ ମରଚାଇ ପଦାର ଗଙ୍ଗାଧର ରାଉତ, ବିଜୟ ଜେନା, ବୃନ୍ଦାବନ ବେହେରା, ଚିନ୍ତାମଣି ଦାସ, ଅଶୋକ ସେଣ, ଗୟାଧର ରାଉତ, ରବିନ୍ଦ୍ରନାଥ ରାଉତ, ଦିଲୀପ୍ ମହାପାତ୍ର, ପ୍ରଦୀପ ଧଳ ପ୍ରମୁଖ ଗ୍ରାମବାସୀ ଜିଲାପାଳ, ଆନନ୍ଦପୁର ଉପ ଜିଲାପାଳ, ହାଟଡ଼ିହୀ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବା ସହିତ ଜବରଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଶ୍ରମିକ କାର୍ଡ କରାଇ ଦେବାକୁ କହି ଠକେଇ

## ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ ମହିଳା

କେନ୍ଦୁଝର,୧୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଶ୍ରମିକ କାର୍ଡ ଓ ସାଇକେଲ କରାଇ ଦେବା ନାମରେ ଠକେଇ ହୋଇଛି। ଏ ନେଇ ଘଟଗାଁ ବ୍ଲକ୍ ଲଙ୍ଗଳକଣ୍ଟି ଗ୍ରାମର ଶକୁନ୍ତଳା ଗିରି, ଶ୍ରୀପଞ୍ଚାନନ ମହାକୁଡ, ଶୁଶିଳା ମହାକୁଡ, ତପସ୍ୱିନୀ ଗିରି, ଭାନୁମତୀ ନାୟକ, ରଞ୍ଜିତା ନାୟକ, ସତ୍ୟଭାମା ନାଏକ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଟାଉନ ଥାନା ଅନ୍ତର୍ଗତ ଧୋବାଡିହାସ୍ଥିତ ଶ୍ରମିକ ନେତା ଡାକ୍ତର ମହାନ୍ତ ମିଛ ପ୍ରଲୋଭନ ଦେଖାଇ ଲଙ୍ଗଳକଣ୍ଟି ଗ୍ରାମକୁ ଯାଇ ଶ୍ରମ କାର୍ଡ, ସାଇକେଲ ଓ ବାସଗୃହ ଆଦି ସୁବିଧା ଯୋଗାଇ ଦେବାକୁ କହିଥିଲେ। ଏଥି ପାଇଁ ୫ ଶହରୁ ଉର୍ଦ୍ଧ୍ୱଙ୍କଠାରୁ ଅର୍ଥ ଆଦାୟ କରିଥିଲେ। ଏହାର ରସିଦ ଆମ ଓଡ଼ିଶା କୃଷି ଏବଂ ଗ୍ରାମୀଣ ମଜଦୁର ସଂଘ ଓକ୍ସିଜେନ ବିଲଡିଂ ଧୋବାଡିହାରୁ ଆଣି ଶକୁନ୍ତଳା ଗିରି ଲୋକଙ୍କୁ ଦେବେ ବୋଲି କହିଥିଲେ। ପରେ ତାଙ୍କଠାରୁ ରସିଦ ଆଦାୟ କରାଯାଇଥିଲା। ଦୀର୍ଘଦିନ ବିତି ଯାଇଥିଲେ ହେଁ ଶ୍ରମ କାର୍ଡ ମିଳି ପାରିଲାନାହିଁ। ତଦନ୍ତ କରି ଅଭିଯୁକ୍ତଙ୍କ ବିରାଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ରର ଏକ ନକଲ ପ୍ରେରଣ କରିଛନ୍ତି। ଡାକ୍ତର କହିଛନ୍ତି, ଅଭିଯୋଗ ମିଥ୍ୟା। ୫ ବର୍ଷ ପରେ ଅଭିଯୋଗ କରିବା ଉଦ୍ଦେଶ୍ୟ ପ୍ରଣୋଦିତ। ତାଙ୍କ ଅଫିସରେ ସିସି ଟିଭି ଅଛି ଯାଞ୍ଚ ହେଲେ ସବୁ ସତ୍ୟାସତ୍ୟ ଜଣାପଡ଼ିବ।


ଠକେଇର ଶିକାର ହୋଇଥିବା ମହିଳାମାନେ।

# ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକେ

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

ବାରିପଦା,୧୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ହାଣଦା ଗ୍ରାମର ଭକ୍ତେଶ୍ୱର ମାଝୀ (୩୭)ଙ୍କ ମୃତ୍ୟୁ ଘଟଣାରେ ପୋଲିସର ତଦନ୍ତ ଉପରେ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ନିରପେକ୍ଷ ତଦନ୍ତ ବଦଳରେ ପୋଲିସ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେଉଥିବା ନେଇ ମୃତକଙ୍କ ବାପା ରାମଚନ୍ଦ୍ର ମାଝୀ ବାରିପଦାଠାରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ବାଙ୍ଗିରିପୋଷି ଥାନା ଅଧିକାରୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଯଦି ପୋଲିସ ଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବ ତେବେ ପରିବାର ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଭକ୍ତେଶ୍ୱରଙ୍କ ମୃତଦେହ ରଶିରେ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଖବରପାଇ ବାଙ୍ଗିରିପୋଷି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ଭକ୍ତେଶ୍ୱରଙ୍କୁ କେହି ହତ୍ୟା କରି ଆତ୍ମହତ୍ୟା ରୂପ ଦେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଭକ୍ତେଶ୍ୱରଙ୍କ ଦେହରେ ମାଡ଼ ଦାଗ ସହ କ୍ଷତ ଚିହ୍ନ ରହିଛି। ପାଦ ତଳେ ଲାଗିଥିବା ଓ ଅଣ୍ଡକୋଷରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଥିଲା ବୋଲି ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପରିବର୍ତ୍ତନ କରିବା ପାଇଁ ଚକ୍ରାନ୍ତ କରୁଥିବା ନେଇ ପରିବାର ଲୋକେ ଏସ୍‌ପିଙ୍କୁ ଜଣାଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସପିଙ୍କୁ ନିବେଦନ କରିଛନ୍ତି।

# ୨ ମୃତଦେହ ଜବତ

ରାଇରଙ୍ଗପୁର,୧୮।୧୦(ମାନସ ମହାନ୍ତି

ମୟୂରଭଞ୍ଜ ଜିଲା ତିରିଙ୍ଗ ଏବଂ ବହଳଦା ଥାନା ଅଞ୍ଚଳରୁ ଶୁକ୍ରବାର ୨ ମୃତଦେହ ଜବତ ହୋଇଛି। ତିରିଙ୍ଗ ଥାନା ଅଧୀନ ମହୁଲବରେଇ ଗ୍ରାମର ନକରା ତୁଙ୍ଗଙ୍କ ପୁଅ ଆକାଶ (୧୭) ଶୁକ୍ରବାର ସକାଳେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମମାଲା ରୁଜୁ କରିଛି। ସେହିପରି ବହଳଦା ଥାନା ଅଧୀନ ଟାଙ୍ଗରଯୋଡ଼ା ଗ୍ରାମ ନିକଟସ୍ଥ ଟାଟା ନଗର– ବାଦାମପାହାଡ଼ ରେଳ ଲାଇନରେ ଟ୍ରେନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତିରିଙ୍ଗ ଥାନା ଅଧୀନ ଭିତର ଆମଦା ଗ୍ରାମର ଦାସମାତ ହାଁସଦା(୪୬)।

# ଓଏମ୍‌ସି କର୍ମଚାରୀ ସଂଘର ମେଗା ରକ୍ତଦାନ ଶିବିର

**କେନ୍ଦୁଝର,୧୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ଶୁଆକଟିସ୍ଥିତ ଓଡିଶା ଖଣି ନିଗମ (ଓଏମ୍‌ସି) ଗାନ୍ଧମାର୍ଦ୍ଦନର ସଭା ଗୃହରେ ଓଏମ୍‌ସି କର୍ମଚାରୀ ସଂଘ ଦ୍ୱାରା ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସମୁଦାୟ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଏବଂ ଓଏମ୍‌ସିର ଆଞ୍ଚଳିକ ପ୍ରବନ୍ଧକ ଅନୁରାଗ ଓଝା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରକ୍ତଦାତା ଭାବରେ ଓଏମସିର କର୍ମଚାରୀ ସହ ବଂଶପାଳ ବ୍ଲକ୍‌ର କ୍ଲବ୍ ମେମ୍ବର ସହଯୋଗ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅକ୍ଷୟ ନାୟକ, ମୁଖ୍ୟ ପରାମର୍ଶଦାତା ଶୁକଦେବ ମହାନ୍ତ ଏବଂ ସଂଘର ଉପ ସଭାପତି ଭାବରେ ରାଜୀବ ହୋତାଙ୍କ ସହିତ ଶ୍ରମିକ ନେତା ପ୍ରଫୁଲ୍ଲ ପାତ୍ର, ଅଞ୍ଜନ ବେଜ, ଗୋପୀନାଥ ରାମ, ବିନୋଦବିହାରୀ ପରିଡ଼ା, ଏମ୍‌ପିଙ୍କ ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ।

# କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

- ଟ୍ରେଲର ଚାପାରେ ସ୍କୁଟି ଚାଳକଙ୍କ ମୃତ୍ୟୁ
- ଯୋଡ଼ାରୁ ଝୁମ୍ପୁରା ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଟ୍ରକ୍

ଯୋଡ଼ା,୧୮।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ତଥା ଚମ୍ପୁଆ ଥାନା ଅନ୍ତର୍ଗତ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଜାତୀୟ ରାଜପଥରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରେଲର ଚାପାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ବିଲେଇପଦା ଅଞ୍ଚଳର ସୋମନାଥ ମୁଣ୍ଡା(୨୨)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ୨ ପର୍ଶ୍ୱରେ ଲମ୍ବା ଧାଡ଼ିରେ ଟ୍ରକ୍ ଛିଡ଼ା ହୋଇଛି।


ଉତ୍ତ୍ୟକ୍ତ ଲୋକଙ୍କୁ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

ସୂଚନା ଅନୁଯାୟୀ, ସୋମନାଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସା ନିମନ୍ତେ ଆସିଥିଲେ। ଅପରାହ୍ନ ୨ ଟା ସମୟରେ ସ୍କୁଟି(ନଂ. ଓଡି ୦୯ ଭି ୩୫୪୨) ଯୋଗେ ଘରକୁ ଫେରୁଥିଲେ। ସେ ସମୟରେ ବିପରୀତ ଦିଗରୁ ଖଣିଜ ବୋଝେଇ କରି ଆସୁଥିବା ଟ୍ରେଲରଟି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସ୍କୁଟିକୁ ଧକ୍କା ଦେବା ସହିତ ଚାପି ଦେଇଥିଲା। ଘଟଣାସ୍ଥଳରେ ସୋମନାଥଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ, ହମ୍ପସ୍ ନିର୍ମାଣ ଓ ଠିକ୍ ଟ୍ରାଫିକ ପରିଚାଳନା ଦାବିରେ ସ୍ଥାନୀୟ ଲୋକେ ୫୨୦ ନଂ. ଜାତୀୟ ରାଜପଥରର ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ି ଛିଡ଼ା ହୋଇଥିବା ବେଳେ ଯୋଡ଼ାରୁ ଝୁମ୍ପୁରା ପର୍ଯ୍ୟନ୍ତ ମାଲ ବୋଝେଇ ଟ୍ରକ୍ ଲମ୍ବା ଧାଡ଼ିରେ ଥିବା ଦେଖାଯାଇଛି। ଘଟଣାସ୍ଥଳରେ ବଡ଼ବିଲ ତହସିଲଦାର ଡିଏସ୍ ଯୋଶୀ ଓ ଚମ୍ପୁଆ ଆଇଆଇସି ଅବିନାଶ ପରିଡ଼ା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପକ୍ଷରୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ଅନ୍ୟାନ୍ୟ ଦାବି ପୂରଣ ନେଇ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋରୁ ହଟିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

